ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in
News ID-IPR/STSCDev(OD)/479/19-08-2025

# ଦିଦାୟୀ ସମ୍ପ୍ରଦାୟରୁ ପ୍ରଥମ ଡାକ୍ତର ହେବେ ମାଲକାନଗିରି ଝିଅ ଚମ୍ପା ରାସପେଦା

**ଭୁବନେଶ୍ୱର, ୧୯ ଅଗଷ୍ଟ, ୨୦୨୫:**
ଡାକ୍ତରୀ ପାଠ ପଢିବେ ଦିଦାୟୀ ଜନଜାତି ସମ୍ପ୍ରଦାୟର ଝିଅ । ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟ ବା ପିଭିଟିଜି ଶ୍ରେଣୀଭୁକ୍ତ ଦିଦାୟୀ ଜନଜାତିର ପ୍ରଥମ ଡାକ୍ତରୀ ଛାତ୍ରୀ ଭାବେ ମାଲକାନଗିରି ଝିଅ ଚମ୍ପା ରାସପେଦା ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍- ୨୦୨୫ ରେ କୃତକାର୍ଯ୍ୟ ହେଲା ପରେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଠ ପଢିବେ । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଆମ୍ଲିବେଡ଼ା ଗ୍ରାମର ଶ୍ରୀ ଲଚମୁ ରାସପେଦାଙ୍କ ଝିଅ ଚମ୍ପା ରାସପେଦା ପ୍ରଥମ ଦିଦାୟୀ ସମ୍ପ୍ରଦାୟ ଡାକ୍ତର ଭାବେ ନାମ ଅର୍ଜନ କରିଛନ୍ତି ।

ଏକ ସାଧାରଣ ଚାଷୀ ପରିବାରର ଚମ୍ପା ଦେଖାଇପାରିଛନ୍ତି ଯେ ଦୃଢ଼ ନିଷ୍ଠା ବଳରେ କୌଣସି ବି ପ୍ରତିକୂଳ ପରିସ୍ଥିତିକୁ ଦୂର କରାଯାଇପାରିବ ।  ତାଙ୍କ ପିତା ଜଣେ ନାମମାତ୍ର ଚାଷୀ ଓ ମାଆ ଜଣେ ଗୃହିଣୀ । ସେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ପିଭିଟିଜି ବାଳିକା ଶିକ୍ଷା ବିଦ୍ୟାଳୟ, ନନ୍ଦିନୀଗୁଡ଼ା(ଖୈରପୁଟ ବ୍ଲକ) ରେ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ । ପରେ ସେ ଚିତ୍ରକୋଣ୍ଡାର ଏସଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ତାଙ୍କର ପାଠପଢ଼ା ଜାରି ରଖିଥିଲେ ଏବଂ ୨୦୧୯ ରେ ମାଟ୍ରିକ ପାସ୍ କରିଥିଲେ । ୨୦୨୧  ରେ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲିରୁ ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ କରିବା ପରେ, ଆର୍ଥିକ ଅସୁବିଧା କାରଣରୁ ପଢା ବନ୍ଦ କରିବାକୁ ବାଧ ହୋଇଥିଲେ । ତଥାପି ତାଙ୍କର ଦୃଢ ଇଚ୍ଛାଶକ୍ତି ବଳରେ ଡାକ୍ତର ହେବାର ସ୍ୱପ୍ନକୁ ସେ ମଳିନ ହେବାକୁ ଦେଇନଥିଲେ । ତାଙ୍କର ପୂର୍ବତନ ବିଜ୍ଞାନ ଶିକ୍ଷକ ଶ୍ରୀ ଉତ୍କଳ କେଶରୀ ଦାଶଙ୍କ ମାର୍ଗଦର୍ଶନରେ ଚମ୍ପା ବାଲେଶ୍ୱରରେ ଡାକ୍ତରୀ କୋଚିଂ ନେଇଥିଲେ ।

ଓଡ଼ିଶାରେ ଜନଜାତି ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ସଫଳତାରେ ନିରନ୍ତର ବୃଦ୍ଧି ଘଟିଛି, ବିଶେଷକରି ମେଡିକାଲ୍ କ୍ଷେତ୍ରରେ ସେମାନଙ୍କ କୃତୀତ୍ୱ ପରିଲକ୍ଷିତ ହେଉଛି  । ଗତ କିଛି ବର୍ଷ ମଧ୍ୟରେ, ବିଭିନ୍ନ ସମ୍ପ୍ରଦାୟର ଅନେକ ଜନଜାତି ଛାତ୍ରଛାତ୍ରୀ ନିଟ୍ ପାସ୍ କରିଛନ୍ତି ଏବଂ ସରକାରୀ ମେଡିକାଲ କଲେଜରେ ଡାକ୍ତରୀ ସିଟ୍ ହାସଲ କରିଛନ୍ତି । ଦିଦାୟୀ ଜନଜାତି, ଓଡ଼ିଶାର ୧୩  ଟି ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟ ମଧ୍ୟରୁ ଗୋଟିଏ । ମାଲକାନଗିରି ଜିଲ୍ଲାର ଦୁର୍ଗମ ଜଙ୍ଗଲ ଅଞ୍ଚଳ, ବିଶେଷକରି କୁଡୁମୁଲୁଗୁମ୍ମା ଏବଂ ଖଇରପୁଟ ବ୍ଲକରେ ଏମାନେ ବାସ କରନ୍ତି । ପାରମ୍ପାରିକ ଭାବରେ କୃଷି, ଜଙ୍ଗଲ ସଂଗ୍ରହ ଏବଂ କ୍ଷୁଦ୍ର ଚାଷ ଉପରେ ନିର୍ଭରଶୀଳ, ଏହି ସମ୍ପ୍ରଦାୟର ଜଣେ ଛାତ୍ରୀ ସମସ୍ତ ପ୍ରତିବନ୍ଧକ ଭାଙ୍ଗି ଡାକ୍ତରୀ ବୃତ୍ତିରେ ପ୍ରବେଶ କରିବା ସଶକ୍ତିକରଣ ଓ ସାମାଜିକ ପରିବର୍ତ୍ତନ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ଚମ୍ପାଙ୍କ ଏହି ସଫଳତାକୁ ରାଜ୍ୟ ସରକାର ପାଳନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ଏକ୍ସ ଆକାଉଣ୍ଟରେ ଛାତ୍ରୀଙ୍କ ସଫଳତା ନେଇ ଖୁସି ବ୍ୟକ୍ତ କରିଛନ୍ତି ।

ରୋଜାଲିନ୍ ସାହୁ
ଲୋକସମ୍ପର୍କ ଅଧିକାରୀ
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ